# ୩

# ସମାଜ, ଜାତି, ରାଷ୍ଟ୍ର ଓ ସରକାର ମଧ୍ୟରେ ପାର୍ଥକ୍ୟ

ତୁମେ ରାଷ୍ଟ୍ର ଓ ରାଷ୍ଟ୍ରର ଉପାଦାନ, ଜାତି, ଜାତୀୟତା ଓ ଏହା ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ ପୂର୍ବ ବିଷୟରେ ପଢ଼ିଛ । ରାଜନୀତି ଓ ରାଜନୀତି ବିଜ୍ଞାନର ଅର୍ଥ ଓ ଏହା ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ ମଧ୍ୟ ପୂର୍ବ ବିଷୟରେ ଆଲୋଚନା କରାଯାଇଛି । ଏହି ବିଷୟରେ ତୁମେ ଅନ୍ୟ କେତେକ ଧାରଣା ବିଷୟରେ ଜାଣିବ । ବିଶେଷ କରି ସମାଜ, ସରକାର ଓ ଅନ୍ୟ ସଂଘ ଓ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ।

## ଉଦ୍ଦେଶ୍ୟ

**ଏହି ବିଷୟ ପାଠ ପରେ ତୁମେ**

- ସମାଜ, ସରକାର ଓ ଅନ୍ୟ ସଂଘର ଅର୍ଥ ବିଷୟରେ ଜାଣି ପାରିବ ।
- ରାଷ୍ଟ୍ର ଓ ସମାଜ ମଧ୍ୟରେଥିବା ପାର୍ଥକ୍ୟ ଜାଣିପାରିବ ।
- ରାଷ୍ଟ୍ର ଓ ଅନ୍ୟ ସଂଘ ମଧ୍ୟରେ ପାର୍ଥକ୍ୟ ଜାଣିପାରିବ ।
- ରାଷ୍ଟ୍ର ଓ ସରକାର ମଧ୍ୟରେ ଥିବା ପାର୍ଥକ୍ୟ ଜାଣିପାରିବ ।
- ରାଷ୍ଟ୍ର ଓ ଜାତି ମଧ୍ୟରେ ଥିବା ପାର୍ଥକ୍ୟ ଜାଣିପାରିବ ।

## ୩.୧ ରାଷ୍ଟ୍ର ଓ ସମାଜ (State and Society)

ତୁମେ ରାଷ୍ଟ୍ର ବିଷୟରେ ପୂର୍ବ ଅଧ୍ୟାୟରେ ଜାଣିଛ । ଗୋଟିଏ ରାଜନୈତିକ ସମାଜ ଯାହାର ଚାରିଗୋଟି ଉପାଦାନ ଯଥା : ଭୂଖଣ୍ଡ, ଜନସଂଖ୍ୟା, ସରକାର ଓ ସାର୍ବଭୌମତ୍ୱ ରହିଛି, ତାହା ତୁମେ ଜାଣିଛ । ତୁମେ ମଧ୍ୟ ଜାଣିଛ, ଏହା ଆଇନ ମାଧ୍ୟମରେ କାର୍ଯ୍ୟ କରେ ଏବଂ ଏହାକୁ ଶେଷ କରେ ଦମନମୂଳକ କ୍ଷମତା ପ୍ରୟୋଗ ଦ୍ୱାରା । ସମାଜ ହେଉଛି ଗୋଟିଏ ଧାରଣା ଯାହା ଉଭୟ ଏକ ସଂଗଠନ ଓ ସାମାଜିକ ବନ୍ଧନର ଏକ ଧାରା । ଏହା ଏକ ସଂଗଠନ, ଏକ ସାମାଜିକ ସଂଗଠନ ଯାହା ବୁଢ଼ିଆଣୀ ଜାଲ ପରି ସାମାଜିକ ବନ୍ଧନ ମଧ୍ୟରେ ଆବଦ୍ଧ ହୋଇ ରହିଥାଏ ।

## ୩.୨ ରାଷ୍ଟ୍ର ଓ ସମାଜ ମଧ୍ୟରେ ପାର୍ଥକ୍ୟ

ଆମେ ନିଶ୍ଚିତ ଭାବରେ ରାଷ୍ଟ୍ର ଓ ସମାଜ ମଧ୍ୟରେ ପାର୍ଥକ୍ୟ ଆଣିବା ନଚେତ ଆମକୁ ସାବ୍ୟସ୍ତ କରିବା ପାଇଁ ପଡ଼ିବ ରାଷ୍ଟ୍ର ବ୍ୟକ୍ତିର ସମସ୍ତ ଦିଗ ଉପରେ ହସ୍ତକ୍ଷେପ କରେ, ଯାହା ବ୍ୟକ୍ତିର ସ୍ୱାଧୀନତାକୁ ପ୍ରଭାବିତ କରେ । ମାକ୍ ଆଇଭର (Mac Iver) ସତର୍କ କରାଇ ଅଛନ୍ତି ଯେ ସମାଜକୁ ରାଜନୈତିକ ଦୃଷ୍ଟିକୋଣରୁ ଚିହ୍ନଟ କରିବା ଏକ ଭୁଲ ଯାହା ସମାଜ କିମ୍ବା ରାଷ୍ଟ୍ରକୁ ଜାଣିବାରେ ବାଧା ସୃଷ୍ଟି କରେ । ତେଣୁ

କରି ପ୍ରାଚୀନ ଗ୍ରୀକ୍ ଦାର୍ଶନିକ (ସକ୍ରେଟିସ୍, ପ୍ଲାଟୋ ଓ ଆରିଷ୍ଟୋଟଲ) ସମାଜ ଓ ରାଷ୍ଟ୍ର ମଧ୍ୟରେ ପାର୍ଥକ୍ୟ ତିଆରି କରି ନ ଥିଲେ । ସେମାନଙ୍କ ପାଇଁ, ପଲିସ୍ ଉଭୟ ନଗର ଯାହା ସମାଜ ଓ ରାଷ୍ଟ୍ର ଥିଲା । ଫରାସୀ ଦାର୍ଶନିକ ରଷୋ ଏହି ଦୁଇକୁ ଏକ ବୋଲି ବିବେଚନା କରିଥିଲେ ।

ରାଷ୍ଟ୍ର ଓ ସମାଜ ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ ନିମ୍ନରେ ଆଲୋଚନା କରାଗଲା :

**(କ)** ରାଷ୍ଟ୍ର ଗୋଟିଏ ରାଜନୈତିକ ସଂଗଠନ । ଏହା ଏକ ସମାଜ ଯାହା ରାଜନୈତିକ ଦୃଷ୍ଟିକୋଣରୁ ସଂଗଠିତ । ଅନ୍ୟ ଅର୍ଥରେ ସମାଜ ଗୋଟିଏ ସାମାଜିକ ସଂଗଠନ, ଏହା ମଧ୍ୟରେ ସମସ୍ତ ପ୍ରକାର ସଂଘ (ସାମାଜିକ, ଅର୍ଥନୈତିକ, ରାଜନୈତିକ, ଧାର୍ମିକ ଓ ସଂସ୍କୃତିଗତ) ରହିଛି । ସମାଜ ରାଷ୍ଟ୍ରଠାରୁ ଉଭୟ ବ୍ୟାପକ ଓ ସୀମିତ ଅଟେ । ଏହା ବ୍ୟାପକ ଯେତେବେଳେ ଏହା ମନୁଷ୍ୟ ସମାଜ କଥା ଆଲୋଚନା କରେ । ଏହା ସୀମିତ ଯେତେବେଳେ ଏହା ଗୋଟିଏ ଗ୍ରାମର ଛୋଟିଆ ଗୋଷ୍ଠୀ କଥା ଆଲୋଚନା କରେ ।

**(ଖ)** ସମାଜ ରାଷ୍ଟ୍ରଠାରୁ ପ୍ରାଚୀନ । ସମାଜର ସୃଷ୍ଟି ମନୁଷ୍ୟ ଜୀବନ ଆରମ୍ଭ ଦିନଠାରୁ । ରାଷ୍ଟ୍ର ସମାଜ ସହିତ ସୃଷ୍ଟି ହୋଇନାହିଁ । ସାମାଜିକ ବିକାଶ ପରେ ଏହାର ଆରମ୍ଭ ହୋଇଛି । ମନୁଷ୍ୟ ପ୍ରଥମେ ସାମାଜିକ ପ୍ରାଣୀ, ପରେ ରାଜନୈତିକ ପ୍ରାଣୀ ।

**(ଗ)** ରାଷ୍ଟ୍ର ପୂର୍ବରୁ ସମାଜ ସ୍ୱାଭାବିକ ଭାବେ ଏକ ପ୍ରାକୃତିକ ସଂଗଠନ । ଅନ୍ୟ ଅର୍ଥରେ ରାଷ୍ଟ୍ର ଏକ କୃତ୍ରିମ, ପ୍ରସ୍ତୁତ ଅନୁଷ୍ଠାନ । ଏହା ତିଆରି ହୋଇଛି ଯେତେବେଳେ ଆବଶ୍ୟକ ହୋଇଛି । ଏହାର ଗୋଟିଏ କାରଣ ଯେ ଆମେ ଦେଖିବା ରାଷ୍ଟ୍ରର ଗଠନ ଓ ଆକୃତି ପ୍ରଚଳିତ ନିୟମ ଅନୁଯାୟୀ ଅଟେ । ସମାଜ ମଧ୍ୟ ଏକ ସଂଗଠନ । ଏହା ରାଷ୍ଟ୍ର ପରି ପ୍ରଚଳିତ ନିୟମ ଅନୁଯାୟୀ ସଂଗଠନ ନୁହେଁ ।

**(ଘ)** ରାଷ୍ଟ୍ର ତିଷ୍ଠି ରହିଛି ସମାଜ ପାଇଁ । ଏହା ରହିବ ସମାଜର ଶେଷ ପର୍ଯ୍ୟନ୍ତ । ସେଇଥିପାଇଁ ରାଷ୍ଟ୍ର ହେଉଛି ଆରମ୍ଭ, ସମାଜ ହେଉଛି ଶେଷ । ରାଷ୍ଟ୍ର ସର୍ବଦା ଆରମ୍ଭ ଯାହା ଶେଷ ପର୍ଯ୍ୟନ୍ତ ତିଷ୍ଠି ରହେ, କିନ୍ତୁ ଶେଷ କେବେ ଆରମ୍ଭ ପାଇଁ ତିଷ୍ଠି ରହେ ନାହିଁ ।

**(ଙ)** ରାଷ୍ଟ୍ରର ସାର୍ବଭୌମତ୍ୱ ଅଛି । ସମାଜର ସାର୍ବଭୌମତ୍ୱ ନାହିଁ । ଯେହେତୁ ସାର୍ବଭୌମ ରାଷ୍ଟ୍ରର ସର୍ବୋଚ୍ଚ କ୍ଷମତା ଅନ୍ୟ ସଂଗଠନ, ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଉପରେ ରହିଛି ଏହାର ପରିସୀମା ମଧ୍ୟରେ ରାଷ୍ଟ୍ର ଅନ୍ୟ ସମସ୍ତ ରାଷ୍ଟ୍ରଠାରୁ ସ୍ୱାଧୀନ ସାର୍ବଭୌମ ଯୋଗୁଁ ସାର୍ବଭୌମତ୍ୱ ରାଷ୍ଟ୍ରକୁ ଏକ ପୃଥକ୍ ଓ ସ୍ୱାଧୀନ ସ୍ଥିତି ପ୍ରଦାନ କରିଛି ।

**(ଚ)** ରାଷ୍ଟ୍ରର ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡ ରହିଛି । ତୁମେ ପଢ଼ିଛ ନିର୍ଦ୍ଦିଷ୍ଟ ଭୂଖଣ୍ଡ ଗୋଟିଏ ରାଷ୍ଟ୍ରର ଆବଶ୍ୟକୀୟ ଉପାଦାନ । ସମାଜର ଯଦିଓ ଭୂଖଣ୍ଡ ଅଛି, ଏହା ସ୍ଥାୟୀ ନୁହେଁ । ଏହାର କାର୍ଯ୍ୟ କରିବାର ପରିଧି ବଢ଼ିପାରେ ବା କମିପାରେ । ଉଦାହରଣ ସ୍ୱରୂପ ଇସ୍‌ଲାମିକ୍ ସମାଜ ଜାତୀୟ ପରିସୀମାକୁ ଟପିଯାଇଛି ।

**(ଛ)** ରାଷ୍ଟ୍ରର ସାଧାରଣ ନୀତିନିୟମ ରହିଛି, ଯାହାକୁ ଆଇନ କୁହାଯାଏ । ସମାଜର ମଧ୍ୟ ନୀତିନିୟମ ରହିଛି ଯାହାକୁ ରୀତି, ଚଳଣୀ ବା ଅଭ୍ୟାସ କୁହାଯାଏ । ଆଇନ ସବୁ ଲିଖିତ ଏବଂ ସୁସ୍ପଷ୍ଟ । ସମାଜର ଯାହା ସବୁ ଅଛି, ସବୁ ଅଲିଖିତ ଓ ଅସ୍ପଷ୍ଟ ।

**(ଜ)** ରାଷ୍ଟ୍ରର ଆଇନ ରୀତିନୀତି ଦ୍ୱାରା ଅନୁବନ୍ଧିତ । ଆଇନକୁ ଅମାନ୍ୟ କଲେ ମାନସିକ କିମ୍ବା ଶାରୀରିକ ସ୍ତରରେ ଦଣ୍ଡ ଦିଆଯାଏ । ସମାଜର ରୀତି କିମ୍ବା ନୀତିକୁ ଅମାନ୍ୟ କଲେ ସାମାଜିକ ବାଛନ୍ଦ ହୁଏ । ରାଷ୍ଟ୍ରର ସୀମା ଅମାନ୍ୟ କଲେ କାର୍ଯ୍ୟାନୁଷ୍ଠାନ କରିବା, ସମାଜର ସୀମା ସୁରକ୍ଷିତ ଭାବେ ସହଯୋଗ

କରିବା, ଏହିସବୁ ପାର୍ଥକ୍ୟ ପରେ ମଧ୍ୟ ରାଷ୍ଟ୍ର ଓ ସମାଜ ପରସ୍ପର ପରିପୂରକ । ସାମାଜିକ ସ୍ୱଭାବ ଓ ସମାଜର ଗଠନ ରାଷ୍ଟ୍ରର ନୀତିକୁ ମାନିଥାଏ । ଅନ୍ୟ ଅର୍ଥରେ ରାଷ୍ଟ୍ର ସମାଜର ଇଚ୍ଛାକୁ ସମ୍ମାନ ପ୍ରଦର୍ଶନ କରିବା ଉଚିତ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୩.୧

**ଶୂନ୍ୟସ୍ଥାନ ପୂରଣ କର ।**

୧। ପଲିସ୍ ପ୍ରାଚୀନ ଗ୍ରୀକ୍‌ଙ୍କ ପାଇଁ ଉଭୟ ନଗର ଓ __________ ଥିଲା ।

୨। ସମାଜ ଉତ୍ପତ୍ତି ଦୃଷ୍ଟିରୁ ରାଷ୍ଟ୍ରଠାରୁ __________ ଅଟେ ।

୩। ସମାଜ ସ୍ୱଭାବଗତ ଭାବେ ଗୋଟିଏ __________ ଧାରଣା ସଂଗଠନ ରାଷ୍ଟ୍ର, ଯାନ୍ତ୍ରିକ ଭାବେ ଗୋଟିଏ __________ ସଂଗଠନ ।

୪। ରାଷ୍ଟ୍ର ତିଷ୍ଠି ରହିଛି ସମାଜର __________ ପର୍ଯ୍ୟନ୍ତ ।

୫। ରାଷ୍ଟ୍ର ଆରମ୍ଭ ଓ ସମାଜ __________ ।

୬। ସମାଜର ସୀମା __________ ସହଯୋଗ, ରାଷ୍ଟ୍ରର ସୀମା __________ କାର୍ଯ୍ୟାନୁଷ୍ଠାନ ।

## ୩.୩ ରାଷ୍ଟ୍ର ଓ ଅନ୍ୟ ସଂଘ ସବୁ

ସଂଘ ଗୋଟିଏ ଲୋକମାନଙ୍କର ସଂଗଠିତ ଗୋଷ୍ଠୀ, ଯାହା କିଛି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ମିଳିତ ଉଦ୍ୟମରେ ପ୍ରୟାସ କରନ୍ତି । ସଂଘର ତିନୋଟି ଲକ୍ଷଣ ରହିଛି, ଯଥା :

(କ) ଲୋକମାନଙ୍କୁ ସଂଗଠିତ କରିବା

(ଖ) କିଛି ନିର୍ଦ୍ଦିଷ୍ଟ ଲକ୍ଷ୍ୟ / ଉଦ୍ଦେଶ୍ୟ

(ଗ) ମିଳିତ ଉଦ୍ୟମ

ପରିବାର ଏକ ସଂଘ । ଏହାର ସଦସ୍ୟମାନେ ରକ୍ତଗତ ଭାବେ ସଂଗଠିତ । ପରିବାରର ସମସ୍ତ ସଦସ୍ୟମାନେ ମିଳିତ ଭାବେ ପରିବାରର ସମାନ ଲକ୍ଷ୍ୟକୁ ପୂରଣ କରିବା ପାଇଁ କାର୍ଯ୍ୟ କରନ୍ତି । ସଂଘର ଅନ୍ୟ ସବୁ ଉଦାହରଣ ହେଲା- କ୍ରିକେଟ କ୍ଲବ, ଚର୍ଚ୍ଚ, ରେଡ଼କ୍ରସ ସୋସାଇଟି ଏବଂ ଏହିପରି ସମାଜରୁ ସଂଘର ସୃଷ୍ଟି । ରାଷ୍ଟ୍ର ହେଉଛି ଏକ ସଂଘ । ସମାଜ ମଧ୍ୟରେ ଥିବା ଅନ୍ୟ ସଂଘମାନଙ୍କ ପରି ରାଷ୍ଟ୍ର ଅନ୍ୟ ସଂଘମାନଙ୍କଠାରୁ ପୃଥକ୍ ଅଟେ । ଏହା କିପରି ପୃଥକ୍ ତାହା ନିମ୍ନରେ ଆଲୋଚନା କରିବା ।

**(କ)** ସମସ୍ତ ସଂଘ, ରାଷ୍ଟ୍ର ମଧ୍ୟ ଲୋକମାନଙ୍କ ଦ୍ୱାରା ଗଠିତ । ରାଷ୍ଟ୍ରର ସଦସ୍ୟତା ବାଧ୍ୟତାମୂଳକ କିନ୍ତୁ ଅନ୍ୟ ସଂଘମାନଙ୍କର ସଦସ୍ୟତା ଇଚ୍ଛାଧୀନ । ଗୋଟିଏ ବ୍ୟକ୍ତି ଗୋଟିଏ ରାଷ୍ଟ୍ରର ସଦସ୍ୟତା ଗ୍ରହଣ କରିପାରିବ । କୌଣସି ବ୍ୟକ୍ତି ଦୁଇଟି ରାଷ୍ଟ୍ରର ସଦସ୍ୟତା ଗ୍ରହଣ କରିପାରିବ ନାହିଁ । ସଂଘର ସଦସ୍ୟତା ଯଥା : ଚର୍ଚ୍ଚ, କ୍ରିକେଟ କ୍ଲବ, ରେଡ଼କ୍ରସ ସୋସାଇଟି ଇଚ୍ଛାଧୀନ ଅଟେ । ଏହା ବ୍ୟକ୍ତିର ଇଚ୍ଛା ଉପରେ ନିର୍ଭର କରେ ।

**(ଖ)** ଗୋଟିଏ ବ୍ୟକ୍ତି ଗୋଟିଏ ସମୟରେ ଗୋଟିଏ ରାଷ୍ଟ୍ରର ସଦସ୍ୟତା ଗ୍ରହଣ କରିପାରିବେ । ସେ ଗୋଟିଏ ସମୟରେ ଦୁଇଟି ରାଷ୍ଟ୍ରର ସଦସ୍ୟତା ଗ୍ରହଣ କରିପାରିବେ ନାହିଁ । କିନ୍ତୁ ଗୋଟିଏ ବ୍ୟକ୍ତି ଗୋଟିଏ ସମୟରେ ଅନେକ ସଂଘର ସଦସ୍ୟତା ଗ୍ରହଣ କରି ପାରିବେ ।

**(ଗ)** ସମସ୍ତ ସଂଘ ଭୂଖଣ୍ଡ ଉପରେ କାର୍ଯ୍ୟ କରନ୍ତି । କିନ୍ତୁ ରାଷ୍ଟ୍ର ଗୋଟିଏ ସଂଘ ହୋଇଥିଲେ ମଧ୍ୟ ଏହାର ନିର୍ଦ୍ଦିଷ୍ଟ ଭୂଖଣ୍ଡ ରହିଛି । ଅନ୍ୟ ସଂଘମାନଙ୍କର ସ୍ଥାୟୀ ଭୂଖଣ୍ଡ ନାହିଁ । ଅନ୍ୟ ସଂଘମାନଙ୍କର ସ୍ଥାନ

ରହିଛି କାର୍ଯ୍ୟ କରିବା ପାଇଁ କିନ୍ତୁ ସେ ସ୍ଥାନଗୁଡ଼ିକ ନିର୍ଦ୍ଦିଷ୍ଟ ନୁହେଁ । ରାଷ୍ଟ୍ରର ଭୂଖଣ୍ଡ କେବେବି ପରିବର୍ତ୍ତନ ହୁଏନାହିଁ । ଏହା ପ୍ରତ୍ୟେକ ସମୟ ନିର୍ଦ୍ଦିଷ୍ଟ ଅଟେ ।

(ଘ) ସମସ୍ତ ସଂଘ, ରାଷ୍ଟ୍ର ମଧ୍ୟ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୂରଣ କରିବା ପାଇଁ ତିଷ୍ଠି ରହିଛନ୍ତି । କିନ୍ତୁ ରାଷ୍ଟ୍ର ପାଇଁ, ଉଦ୍ଦେଶ୍ୟ ସର୍ବଦା ସର୍ବସାଧାରଣ (ଆଇନ କାନୁନ୍‌ର ସୁରକ୍ଷିତ କରିବା) ଅନ୍ୟ ସଂଘମାନଙ୍କ ପାଇଁ ଉଦ୍ଦେଶ୍ୟ ସର୍ବଦା ନିର୍ଦ୍ଦିଷ୍ଟ । କ୍ରିକେଟ ସଂଘ ରହିଛି କ୍ରିକେଟ ଖେଳିବା ପାଇଁ, ଏହାର ଉଦ୍ଦେଶ୍ୟ ନିର୍ଦ୍ଦିଷ୍ଟ । ଆମେ କହିବା, ରାଷ୍ଟ୍ରର କାର୍ଯ୍ୟ କରିବାର ପରିବେଶ ସର୍ବଦା ସମସ୍ତଙ୍କୁ ନେଇ, କିନ୍ତୁ ସଂଘମାନଙ୍କର କାର୍ଯ୍ୟ ସର୍ବଦା ସୀମିତ ।

(ଙ) ରାଷ୍ଟ୍ରର ଗୁଣ ହେଉଛି ଜାତୀୟ । ଅନ୍ୟ ସଂଘମାନଙ୍କର ଗୁଣ ହେଉଛି ଆଞ୍ଚଳିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ । ଭାରତୀୟ ଜାତୀୟ କଂଗ୍ରେସ ଏକ ଜାତୀୟ ଦଳ । ଏହାର ଗୁଣ ଜାତୀୟ, ରେସିଡେଣ୍ଟ ମଙ୍ଗଳ ସଂଘର ଆଞ୍ଚଳିକ ଗୁଣ । ହରିୟାନା ସରକାରୀ ଶିକ୍ଷକ ସଂଘ ପ୍ରାଦେଶିକ ସଂଘ, ଜାତିସଂଘ ଶିକ୍ଷା ବିଜ୍ଞାନ ସଂସ୍କୃତି ସଂଗଠନର ଆନ୍ତଃର୍ଜାତିକ ଗୁଣ ରହିଛି ।

(ଚ) ରାଷ୍ଟ୍ରର ସାର୍ବଭୌମ କ୍ଷମତା ରହିଛି । ଅନ୍ୟ ସଂଘମାନଙ୍କର ସାର୍ବଭୌମ କ୍ଷମତା ନାହିଁ । ଅନ୍ୟ ସଂଘମାନେ ପ୍ରକୃତରେ ସ୍ୱୟଂଶାସିତ କିନ୍ତୁ ସେମାନେ ରାଷ୍ଟ୍ରର ନୀତି ନିୟମ ଅନୁସାରେ କାର୍ଯ୍ୟ କରନ୍ତି । ରାଷ୍ଟ୍ରର ସାର୍ବଭୌମତ୍ୱ ଅଛି କାରଣ ଏହା ଅନ୍ୟ ସଂଘମାନଙ୍କ ଉପରେ ସର୍ବୋଚ୍ଚ ଓ ଅନ୍ୟ ରାଷ୍ଟ୍ରମାନଙ୍କଠାରୁ ସ୍ୱାଧୀନ ।

(ଛ) ରାଷ୍ଟ୍ରର ଆଇନର ଅବମାନନା କଲେ ଦଣ୍ଡଦାନ ବ୍ୟବସ୍ଥା ରହିଛି, ଯାହା ମୃତ୍ୟୁଦଣ୍ଡ ପରି । ଅନ୍ୟ ସଂଘମାନଙ୍କର ଶାରୀରିକ ଭାବେ ଦଣ୍ଡ ଦେବାର କ୍ଷମତା ନାହିଁ । ଅତି ବେଶୀରେ ସେମାନେ ଚାପ ପକାଇ ପାରନ୍ତି କିମ୍ବା ସଦସ୍ୟତାର ଅନ୍ତର କରିପାରନ୍ତି ।

ରାଷ୍ଟ୍ର ଓ ସଂଘ ମଧ୍ୟରେ ଥିବା ସମ୍ପର୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଅନ୍ୟ ସଂଘମାନେ ରାଷ୍ଟ୍ରର ଅତ୍ୟଧିକ ଚାପକୁ କୋହଳ କରନ୍ତି । ରାଷ୍ଟ୍ରଠାରୁ ମଧ୍ୟ ଅନେକ ସଂଘ ଅଧିକ କାର୍ଯ୍ୟ କରନ୍ତି । କେତେକ ସଂଘ ଅଛନ୍ତି ଯେଉଁମାନେ ରାଷ୍ଟ୍ରଠାରୁ ପୁରାତନ (ଯଥା : ପରିବାର, ଚର୍ଚ୍ଚ ଓ ବନ୍ଧୁତ୍ୱ ଗୋଷ୍ଠୀ) ରାଷ୍ଟ୍ର ସଂଘର କ୍ଷମତା କାଢ଼ି ନେବା ଆବଶ୍ୟକ ନୁହେଁ, ଏହା ତାଙ୍କ ଉପରେ ପ୍ରଭାବ ବିସ୍ତାର କରିବା ଆବଶ୍ୟକ ନୁହେଁ । ରାଷ୍ଟ୍ର ସଂଘମାନଙ୍କର କାର୍ଯ୍ୟକଳାପକୁ ତଦାରଖ କରିବା, ସହଯୋଗ କରିବା ଏବଂ ଦେଖିବା ଉଚିତ । ଅନ୍ୟ ସଂଘମାନେ ସେମାନଙ୍କର ଆଭ୍ୟନ୍ତରୀଣ ଆଧିପତ୍ୟ ଓ ସେମାନଙ୍କର କାର୍ଯ୍ୟରେ ରାଷ୍ଟ୍ରର ପ୍ରଭୁତ୍ୱକୁ ଅତିକ୍ରମ କରିବା ଆବଶ୍ୟକ ନୁହେଁ ଓ ରାଷ୍ଟ୍ରର ସାର୍ବଭୌମତ୍ୱ ପ୍ରତି ଆହ୍ୱାନ କରିବା ଉଚିତ ନୁହେଁ । ଅନ୍ୟ ପକ୍ଷରେ ରାଷ୍ଟ୍ର ଅନ୍ୟ ସଂଘମାନଙ୍କର ସ୍ୱାଧୀନତାକୁ ସୁରକ୍ଷିତ କରି ରଖିବା ଦରକାର ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୩.୨

**ବନ୍ଧନୀ ମଧ୍ୟରେ ଥିବା ସଠିକ୍ ଉତ୍ତର ଚୟନ କରି ଶୂନ୍ୟସ୍ଥାନ ପୂରଣ କର -**

୧। ସଂଘର ଲକ୍ଷଣ ହେଉଛି (କ) ସଂଗଠିତ ବ୍ୟକ୍ତି, (ଖ) ________ ଇଚ୍ଛା ଏବଂ ମିଳିତ ଉଦ୍ୟମ (ସାଧାରଣ, ନିର୍ଦ୍ଦିଷ୍ଟ) ।

୨। ରାଷ୍ଟ୍ରର ସଦସ୍ୟତା ________ ଅଟେ । (ଇଚ୍ଛାଧୀନ, ବାଧ୍ୟତାମୂଳକ)

୩। ପରିବାର ଏକ ସଂଘ, ଏହା ରାଷ୍ଟ୍ରର ________ ଅଟେ । (ପୂର୍ବରୁ, ପରେ)

୪। ଅନ୍ୟ ସଂଘ ________ ଉପଭୋଗ କରେନାହିଁ, ଯାହା ରାଷ୍ଟ୍ର କରେ । (ସାର୍ବଭୌମତ୍ୱ, ଜନସଂଖ୍ୟା, ନିର୍ଦ୍ଦିଷ୍ଟ ଭୂଖଣ୍ଡ)



Notes

## ୩.୪ ରାଷ୍ଟ୍ର ଓ ସରକାର (State and Government)

ତୁମେ ଜାଣିଛ ସରକାର ରାଷ୍ଟ୍ରର ଏକ ଉପାଦାନ । ଏହା ଏକ କାର୍ଯ୍ୟାଳୟ, ଯାହା ଦ୍ୱାରା ଆଇନ ତିଆରି ହୁଏ, ଆଇନକୁ କାର୍ଯ୍ୟକାରୀ କରାଯାଏ ଓ ଯିଏ ଆଇନକୁ ଅମାନ୍ୟ କରେ, ତାକୁ ଦଣ୍ଡ ଦିଆଯାଏ । ଏହା ରାଷ୍ଟ୍ର ପ୍ରଭୁତ୍ୱର ଦୃଶ୍ୟମାନ ପ୍ରତିମୂର୍ତ୍ତି । ଏହା ସମସ୍ତ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଓ କାର୍ଯ୍ୟାଳୟକୁ ନେଇ ଗଠିତ, ଯାହା ଦ୍ୱାରା ରାଷ୍ଟ୍ରର ଇଚ୍ଛା ପ୍ରକାଶ କରାଯାଏ ଓ କାର୍ଯ୍ୟକାରୀ କରାଯାଏ । ଯଦିଓ ରାଷ୍ଟ୍ର ସରକାର ମାଧ୍ୟମରେ କୁହେ; ଏହା ଉଚିତ, ଏହା ମଧ୍ୟରେ ଥିବା ପାର୍ଥକ୍ୟକୁ ବାଖ୍ୟା କରିବା –

**(କ)** ରାଷ୍ଟ୍ରର ପ୍ରଭୁତ୍ୱ ନିଜେ ନିଜଠାରୁ ପାଏ, କିନ୍ତୁ ସରକାରଙ୍କର ନିଜସ୍ୱ କ୍ଷମତା ନାହିଁ । ସରକାର ତା'ର ଗଠନ, ପ୍ରଭୁତ୍ୱ ଓ କ୍ଷମତା ସମ୍ବିଧାନଠାରୁ ପାଇଥାଏ ।

> **ସମ୍ବିଧାନ ମୂଳ ଆଇନର ସଂଗ୍ରହକ, ଯାହା ମୌଳିକ ଆଇନ ଅଟେ । ତା'ର ମତରେ ରାଷ୍ଟ୍ରର ସରକାର ହେଉଛି ସଂଗଠିତ ।**

**(ଖ)** ରାଷ୍ଟ୍ରର ପରିଧି ବୃହତ୍ ଅଟେ, ଯାହା ସମସ୍ତ ନାଗରିକ ମାନଙ୍କୁ ଅନ୍ତର୍ଭୁକ୍ତ କରେ । ପ୍ରାୟତଃ ସରକାରର ପରିଧି ଛୋଟ ଅଟେ । ଯେଉଁମାନେ ଏହାର କାର୍ଯ୍ୟ କରିବାକୁ ନିଯୁକ୍ତି ହୋଇଥା'ନ୍ତି, ଆମେ ସମସ୍ତେ ରାଷ୍ଟ୍ରର ନାଗରିକ କିନ୍ତୁ ଆମେ ସମସ୍ତେ ସରକାରର କାର୍ଯ୍ୟକର୍ତ୍ତା ନୁହନ୍ତି । ଗାରନର (Garner) ଙ୍କ ମତରେ ସରକାର ହେଉଛି ରାଷ୍ଟ୍ରର ଏକ ବିଭାଗ, କିନ୍ତୁ ଏହା ରାଷ୍ଟ୍ରଠାରୁ ଅଧିକ ନୁହେଁ ଯେପରି ନିଗମର ବୋର୍ଡ୍ ଅଫ ଡାଇରେକ୍ଟର ନିଜେ ନିଗମ ଅଟନ୍ତି ।

**(ଗ)** ରାଷ୍ଟ୍ରର ଧାରଣା ନିଶ୍ଚିତ ଭାବେ ଅବାସ୍ତବ । ସରକାର ହେଉଛି ରାଷ୍ଟ୍ରର ସାକାର । ଆମେ ସରକାରକୁ ଦେଖିବା କିନ୍ତୁ ରାଷ୍ଟ୍ରକୁ ନୁହେଁ ।

**(ଘ)** ରାଷ୍ଟ୍ର ଏକ ସ୍ଥାୟୀ ଅନୁଷ୍ଠାନ । ଏହାର ମୁଖ୍ୟ କାରଣ ହେଉଛି ଯେଉଁ ପର୍ଯ୍ୟନ୍ତ ଏହା ଅନ୍ୟ ରାଷ୍ଟ୍ର ଦ୍ୱାରା ଆକ୍ରମିତ ଓ ଅଂଶ ନ ହୋଇଛି ସେ ପର୍ଯ୍ୟନ୍ତ ଏହାର ମୃତ୍ୟୁ ନାହିଁ । ସରକାର ଅସ୍ଥାୟୀ କାରଣ ଏହା ପରିବର୍ତ୍ତନ ହୋଇପାରେ, ଆଜିର ଶାସକ କାଲି ନ ଥାଇପାରେ । ଏହା ଅନ୍ୟ ଅର୍ଥରେ ଯଦି ନେବା, ରାଷ୍ଟ୍ର ସବୁ ସ୍ଥାନରେ ସମାନ ଅଟେ କିନ୍ତୁ ସରକାର ଗୋଟିଏ ରାଷ୍ଟ୍ରରୁ ଅନ୍ୟ ରାଷ୍ଟ୍ର ମଧ୍ୟରେ ପାର୍ଥକ୍ୟ ଆସିପାରେ । ଭାରତ, ଆମେରିକା, ଇଂଲଣ୍ଡ ଓ ଫ୍ରାନ୍ସ ସମସ୍ତ ହେଉଛନ୍ତି ରାଷ୍ଟ୍ର କିନ୍ତୁ ସବୁ ରାଷ୍ଟ୍ରର ସରକାର ସମାନ ନୁହଁ । ଭାରତ ଓ ଇଂଲଣ୍ଡରେ ସଂସଦୀୟ ଶାସନ ବ୍ୟବସ୍ଥା ଥିଲାବେଳେ ଆମେରିକାରେ ରାଷ୍ଟ୍ରପତୀୟ ଶାସନ ।

> **ସଂସଦୀୟ ସରକାର ଏପରି ଏକ ସରକାରୀ ବ୍ୟବସ୍ଥା ଯେଉଁଠାରେ ବ୍ୟବସ୍ଥାପିକା କାର୍ଯ୍ୟପାଳିକା ସହିତ ଓତଃପ୍ରୋତ ଭାବେ ଜଡ଼ିତ । କ୍ୟାବିନେଟର ସଦସ୍ୟମାନେ ବ୍ୟବସ୍ଥାପିକାର ସଦସ୍ୟ ଏବଂ ସେମାନେ ବ୍ୟବସ୍ଥାପିକା ନିକଟରେ ଉତ୍ତରଦାୟୀ ।**

> **ରାଷ୍ଟ୍ରପତୀୟ ସରକାର ଏପରି ଏକ ସରକାରୀ ବ୍ୟବସ୍ଥା, ଯେଉଁଠାରେ ବ୍ୟବସ୍ଥାପିକା କାର୍ଯ୍ୟପାଳିକାଠାରୁ ସ୍ୱାଧୀନ । କାର୍ଯ୍ୟପାଳିକା ବ୍ୟବସ୍ଥାପିକା ଠାରୁ ପୃଥକ୍ ଓ ସେମାନେ ବ୍ୟବସ୍ଥାପିକା ନିକଟରେ ଉତ୍ତରଦାୟୀ ନୁହନ୍ତି ।**

**(ଙ)** ରାଷ୍ଟ୍ରର ସାର୍ବଭୌମ କ୍ଷମତା ରହିଛି । ସରକାର କେବଳ କ୍ଷମତା ଉପଭୋଗ କରେ । ସରକାରର କ୍ଷମତା ନ୍ୟସ୍ତ ଓ କୌଣସି ଉତ୍ସରୁ ଅନୁସୃତ । ରାଷ୍ଟ୍ରର କ୍ଷମତା ବାସ୍ତବ ଓ ପ୍ରକୃତ ।

Notes

**(ଚ)** ରାଷ୍ଟ୍ରକୁ ବିରୋଧ କରିବା ସରକାରକୁ ବିରୋଧ କରିବା ମଧ୍ୟରେ ପାର୍ଥକ୍ୟ ରହିଛି । ଆମେ ସରକାରକୁ ସମାଲୋଚନା କରି ପାରିବା, ଆମେ ରାଷ୍ଟ୍ରକୁ ବିରୋଧ କରି ପାରିବା ନାହିଁ । ରାଷ୍ଟ୍ରକୁ ସମାଲୋଚନା ଅର୍ଥ ଆନ୍ଦୋଳନ, ସରକାରକୁ ସମାଲୋଚନା କରିବା ଆନ୍ଦୋଳନ ନୁହେଁ । ଆମେ କେବେ ଶୁଣିନାହୁଁ, ଭାରତ ଖରାପ ବୋଲି କିନ୍ତୁ ଆମେ ସାଧାରଣତଃ ଶୁଣୁ ଭାରତ ସରକାର ଦ୍ୱାରା ପ୍ରଚଳିତ ନୀତିନିୟମ ଖରାପ ଅଟେ । ରାଷ୍ଟ୍ରକୁ ସମାଲୋଚନା କରିବା ଏକ ଅପରାଧ । ସରକାରକୁ ସମାଲୋଚନା କରିବା ଏକ କର୍ତ୍ତବ୍ୟ ।

**(ଛ)** ସରକାର ରାଷ୍ଟ୍ରର ଏକ ଅଂଶ ବା ଉପାଦାନ । ଏହା ରାଷ୍ଟ୍ରର ଏକ ଅଂଶ ଅଟେ । ଗୋଟିଏ ଅଂଶ ହେତୁ ଏହା ରାଷ୍ଟ୍ର ଠାରୁ ବଡ଼ ନୁହେଁ । ଆମେ ଯେଉଁ ସମୟରେ ରାଷ୍ଟ୍ର କଥା କହୁ, ରାଷ୍ଟ୍ରର ଜନସଂଖ୍ୟା ନିର୍ଦ୍ଦିଷ୍ଟ ଭୂଖଣ୍ଡ, ସରକାର ଓ ସାର୍ବଭୌମତ୍ୱ କଥା କହୁ, କିନ୍ତୁ ଆମେ ସରକାର କଥା କହୁ, ଆମେ ଗୋଟିଏ ଅଂଶ କଥା କହୁ ।

**(ଜ)** ରାଷ୍ଟ୍ରର ଭୂଖଣ୍ଡ ସର୍ବଦା ନିର୍ଦ୍ଦିଷ୍ଟ । ଏହା ସର୍ବଦା ଅପରିବର୍ତ୍ତନୀୟ । ଏହାର ପରିସୀମା ସର୍ବଦା ସ୍ଥିର । ସରକାରର ଭୂଖଣ୍ଡ ସର୍ବଦା ଅସ୍ଥାୟୀ । ମହମ୍ମଦ ତୋଗଲକ ତାଙ୍କର ରାଜଧାନୀ ଦୌଲତାବାଦକୁ ପରିବର୍ତ୍ତନ କରିଥିଲେ । ଜର୍ମାନୀର ଆକ୍ରମଣକୁ ଭୟ କରି ଅନେକ ସରକାର ତାଙ୍କର ରାଜଧାନୀ ଲଣ୍ଡନକୁ ପରିବର୍ତ୍ତନ କରିଥିଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୩.୩

**ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ (ଗୋଟିଏ ଶବ୍ଦରେ)**

୧। ସରକାରର କେଉଁ ବିଭାଗ ଆଇନ ତିଆରି କରେ ?

୨। ସରକାରର କେଉଁ ବିଭାଗ ଆଇନ କାର୍ଯ୍ୟକାରୀ କରେ ?

୩। କାହା ପାଖରେ ସାର୍ବଭୌମତ୍ୱ ରହିଛି ?

୪। କେଉଁ ବିଭାଗ ମାଧ୍ୟମରେ ରାଷ୍ଟ୍ର ନିଜ ଇଚ୍ଛା ପ୍ରକାଶ କରେ ?

୫। ଯଦି ରାଷ୍ଟ୍ର ଅଦୃଶ୍ୟ ଅଟେ, ତେବେ ଏହାର ବାସ୍ତବ ରୂପ କ'ଣ ଅଟେ ?

## ୩.୫ ରାଷ୍ଟ୍ର ଓ ଜାତି

ଜାତି କହିଲେ ସାଧାରଣତଃ ଆମେ ବୁଝୁ, ଗୋଟିଏ ବଂଶାନୁକ୍ରମରୁ ସୃଷ୍ଟି ହୋଇଥିବା ଲୋକମାନେ ସମାନ ଭାଷା, ସମାନ ଭୂଖଣ୍ଡ ସମାନ ଧର୍ମ ଓ ସମାନ ପରମ୍ପରା ଓ ସଂସ୍କୃତିର ଅଧୀନ ହୋଇ ଏକ ଜାତି ଗଠନ କରିଥା'ନ୍ତି । ବର୍ଗେସ୍‌ଙ୍କ ମତରେ "ଏକ ନିର୍ଦ୍ଦିଷ୍ଟ ଭୌଗଳିକ ଭୂଖଣ୍ଡ ମଧ୍ୟରେ ଗୋଟିଏ ଭାଷା ଓ ସାହିତ୍ୟ ଗୋଟିଏ ଐତିହ୍ୟ ଓ ପରମ୍ପରା, ଗୋଟିଏ ପ୍ରକାର ନୀତି ରୀତି ଓ ଚଳିଚଳଣ ଓ ସମାନ ସୁଖ ଦୁଃଖ ନ୍ୟାୟ ଅନ୍ୟାୟର ସମାନୁଭବ ଭିତ୍ତିରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ବାସ କରୁଥିବା ଜନ ସମାଜ ହିଁ ଜାତି ।"

**ନିଜର ଐତିହାସିକ ଓ ସାଂସ୍କୃତିକ ପୃଷ୍ଠଭୂମି ବିଷୟରେ ସଚେତନ ଲୋକମାନଙ୍କୁ ନେଇ ଜାତି ଗଠିତ ଏବଂ ସେମାନେ ଏହି ପୃଷ୍ଠଭୂମିକୁ ରାଷ୍ଟ୍ରର ଢାଂଚା ମଧ୍ୟରେ ରାଜନୈତିକ ସ୍ଥାୟୀତ୍ୱ ଦେବାକୁ ଇଚ୍ଛା କରନ୍ତି ।**

ଆମେ ଜାଣୁ ଗୋଟିଏ ନିର୍ଦ୍ଦିଷ୍ଟ ଭୂଖଣ୍ଡ ମଧ୍ୟରେ ଆଇନ ଦ୍ୱାରା ସଂଗଠିତ ଜନ ସମୂହକୁ ରାଷ୍ଟ୍ର କୁହାଯାଏ । ଏହା ସଦା ସର୍ବଦା ଆଭ୍ୟନ୍ତରୀଣ ଓ ବହିଃକ୍ଷେତ୍ରରେ ସ୍ୱାଧୀନ ଓ ସାର୍ବଭୌମ । ଜାତି ହେଉଛି



Notes

କେତେ ଗୁଡିଏ ଲୋକମାନଙ୍କ ମନସ୍ତାତ୍ତ୍ୱିକ ବନ୍ଧନ , ଯାହାକି ସେମାନେ ସାଧାରଣତଃ ସୁଖ ଓ ଦୁଃଖରେ ସଦ୍‌ଭାବ ହୋଇପାରନ୍ତି । ରାଷ୍ଟ୍ର ଓ ଜାତି ମଧ୍ୟରେ ଥିବା ପାର୍ଥକ୍ୟ ନିମ୍ନରେ ଆଲୋଚନା କରାଗଲା ।

(କ) ଜାତି ଓ ରାଷ୍ଟ୍ର ପୃଥକ ଅଟନ୍ତି । ଗୋଟିଏ ଜାତି ସର୍ବଦା ଗୋଟିଏ ରାଷ୍ଟ୍ର ନୁହେଁ । ଭାରତ ଅଗଷ୍ଟ ୧୫, ୧୯୪୭ ପୂର୍ବରୁ ଗୋଟିଏ ରାଷ୍ଟ୍ର ନଥିଲା । ଗୋଟିଏ ରାଷ୍ଟ୍ର ସର୍ବଦା ଗୋଟିଏ ଜାତି ନୁହଁ, ଅଷ୍ଟ୍ରିଆ ଓ ହଂଗେରୀ ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବରୁ ଗୋଟିଏ ଗୋଟିଏ ରାଷ୍ଟ୍ର ଥିଲା, କିନ୍ତୁ ଗୋଟିଏ ଜାତି ନଥିଲା କାରଣ ଏଥିରେ ବିଭିନ୍ନ ପ୍ରକାର ଲୋକ ରହିଥିଲେ ଏବଂ ସେମାନଙ୍କର ସଂସ୍କୃତି ଏକ ନଥିଲା ।

(ଖ) ରାଷ୍ଟ୍ରକୁ ରାଷ୍ଟ୍ର କୁହାଯାଏ କାରଣ ଏହାର ସାର୍ବଭୌମତ୍ୱ ରହିଛି । ଜାତି ଗୋଟିଏ ରାଷ୍ଟ୍ର ନୁହେଁ କାରଣ ଏହାର ସାର୍ବଭୌମତ୍ୱ ନାହିଁ । ସାର୍ବଭୌମତ୍ୱ ରାଷ୍ଟ୍ରର ଗୋଟିଏ ମୁଖ୍ୟ ଲକ୍ଷଣ ଅଟେ । ଏହା ଜାତିର ଲକ୍ଷଣ ନୁହେଁ । ଗୋଟିଏ ଜାତି ଗୋଟିଏ ଜାତି-ରାଷ୍ଟ୍ର ହୁଏ ଯେତେବେଳେ ଏହା ରାଷ୍ଟ୍ରତ୍ୱ ପାଏ ।

(ଗ) ରାଷ୍ଟ୍ର ଗୋଟିଏ ରାଜନୈତିକ ଧାରଣା ଜାତି ଗୋଟିଏ ସାଂସ୍କୃତିକ ଓ ମନସ୍ତାତ୍ତ୍ୱିକ ଭାବନା । ହାଏସ୍‌ଙ୍କ ମତରେ ଜାତି ପ୍ରଥମତଃ ସାଂସ୍କୃତିକ କିନ୍ତୁ ଘଟଣାକ୍ରମେ ରାଜନୈତିକ ।

(ଘ) ଗୋଟିଏ ରାଷ୍ଟ୍ରରେ ଆଇନ୍ ଲୋକମାନଙ୍କୁ ସଂଗଠିତ କରି ରଖେ । ଜାତି ମଧ୍ୟରେ ଭାବପ୍ରବଣତା ଲୋକମାନଙ୍କୁ ସଂଗଠିତ କରି ରଖେ । ରାଷ୍ଟ୍ରର ଏକତା ସର୍ବଦା ବାହ୍ୟ କିନ୍ତୁ ଜାତିର ଏକତା ସର୍ବଦା ଅନ୍ତର୍ନିହିତ । ରାଷ୍ଟ୍ର କ୍ଷେତ୍ରରେ ଏକତା ଲଦି ଦିଆଯାଏ ଓ ଏହା ଆଇନ୍ ମାଧ୍ୟମରେ ଆସେ, କିନ୍ତୁ ଜାତି କ୍ଷେତ୍ରରେ ଏକତା ଭାବପ୍ରବଣତାରୁ ଆସେ ।

(ଙ) ବଳ ରୂପକ ଏକ ଉପାଦାନ ରାଷ୍ଟ୍ର ସହିତ ସଂଯୋଗ ହୋଇ ରହିଥାଏ । ରାଷ୍ଟ୍ରର ଆଇନ୍ ହେଉଛି ବାଧ୍ୟ ବାଧକତା । ଯଦି ଏହାର କର୍ତ୍ତୃତ୍ୱକୁ ଅବମାନନା କରାଯାଏ ତେବେ ରାଷ୍ଟ୍ର ଦ୍ୱାରା ବଳ ପ୍ରୟୋଗ କରାଯାଏ । ଜାତି କ୍ଷେତ୍ରରେ ମନାଇବାର ଉପାଦାନ ବ୍ୟବହାର କରାଯାଏ ।

(ଚ) ରାଷ୍ଟ୍ରର ଉପାଦାନ ନିର୍ଦ୍ଦିଷ୍ଟ ଯଥା- ଜନସଂଖ୍ୟା, ଭୂଖଣ୍ଡ, ସରକାର ଓ ସାର୍ବଭୌମତ୍ୱ । ଜାତିର ଉପାଦାନ ନିର୍ଦ୍ଦିଷ୍ଟ ନୁହେଁ । କେଉଁଠାରେ ଗୋଟିଏ ଭାଷା ଜାତି ଗଠନରେ ସହାୟକ ହୁଏ ତ କେଉଁଠାରେ ଗୋଟିଏ ବଂଶ ଜାତି ଗଠନ କରେ । ଗୋଟିଏ ଧର୍ମ ଉଦାହରଣ ସ୍ୱରୂପ ପାକିସ୍ଥାନକୁ ଗୋଟିଏ ଜାତି ଭାବରେ ଗଠନ କରିବାରେ ସହାୟକ ହୋଇଥିଲା । ଆମେରିକାକୁ ଗୋଟିଏ ଜାତିଭାବରେ ଗଠନ କରିବାକୁ ଗୋଟିଏ ଭାଷା ସହାୟକ ହେବା ସମୟରେ ଭାରତକୁ ଗୋଟିଏ ଜାତି ଭାବରେ ଗଠନ କରିବାରେ ଏକ ଐତିହ ସହାୟକ ହୋଇଥିଲା ।

(ଛ) ଗୋଟିଏ ରାଷ୍ଟ୍ର ଗୋଟିଏ ଜାତି ଠାରୁ ବଡ଼ ହୋଇପାରେ । ପୂର୍ବର ଋଷିଆ ମଧ୍ୟରେ ଶହେରୁ ଅଧିକ ଜାତି ରହିଥିଲା ସେହିପରି ଭାବରେ ଜାତି ମଧ୍ୟ ରାଷ୍ଟ୍ରଠାରୁ ବଡ଼ ହୋଇପାରେ । ଗୋଟିଏ ଜାତୀୟତା ଦୁଇଟି ରାଷ୍ଟ୍ର ଉପରେ ବ୍ୟାପ୍ତ ହୋଇପାରେ । କୋରିଆର ଜାତୀୟତା ଦୁଇଟି ରାଷ୍ଟ୍ର ଉପରେ ବ୍ୟାପ୍ତ ଯଥା - ଦକ୍ଷିଣ କୋରିଆ ଓ ଉତ୍ତର କୋରିଆ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୩.୪

**ଶୂନ୍ୟସ୍ଥାନ ପୂରଣ କର ।**

୧। ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବରୁ ଅଷ୍ଟ୍ରିଆ-ହଙ୍ଗେରୀ ଗୋଟିଏ ରାଷ୍ଟ୍ର ଥିଲେ କିନ୍ତୁ ________ ନଥିଲେ ।

୨। ଯେତେବେଳେ କୋଟିଏ ଜାତି ରାଷ୍ଟ୍ରତ୍ୱ ପାଏ ଏହା ________ ହୁଏ ।

୩। ________ ଲୋକମାନଙ୍କୁ ଏକତ୍ରିତ ଭାବେ ବାନ୍ଧି ରଖେ ।

୪। ଯଦିଓ ରାଷ୍ଟ୍ର ଗୋଟିଏ ________ ଧାରଣା, ଜାତି ଗୋଟିଏ ସାଂସ୍କୃତିକ ଭାବନା ।

୫। ସାଂସ୍କୃତିଗତ ସାମାଜିକ ସଂଗଠନ ________ ଲୋକମାନେ ଗଠନ କରନ୍ତି ।

## ତୁମେ କ'ଣ ଶିକ୍ଷା କଲ

ଏହି ଅଧ୍ୟାୟରେ ତୁମେ ସମାଜ, ସରକାର ଓ ସଂଘର ଅର୍ଥ ବିଷୟରେ ଧାରଣା ପାଇଲ । ପୁର୍ବ ଅଧ୍ୟାୟରେ ତୁମେ  ରାଷ୍ଟ୍ର, ଜାତି ଓ ଜାତୀୟତା ବିଷୟରେ ଧାରଣା ପାଇଥିଲ । ବର୍ତ୍ତମାନ ତୁମେ ଜାଣିବା ଉଚିତ ଯେ, ରାଷ୍ଟ୍ର ଓ ସମାଜ ଦୁଇଟି ଶବ୍ଦ । ରାଷ୍ଟ୍ର ଗୋଟିଏ ରାଜନୈତିକ ଧାରଣା ହୋଇଥିବାରୁ ବାହ୍ୟ ସାମାଜିକ ଶୃଙ୍ଖଳା ପରିଚ୍ଛଳନା କରେ । ସମାଜ ଗୋଟିଏ ସାମାଜିକ ଧାରଣା ହୋଇଥିବାରୁ ଏହା ମଧ୍ୟରେ ଅନେକ ସଂଘ ଓ ସଂଗଠନ ରହିଅଛି । ରାଷ୍ଟ୍ର ସାଧନ ଓ ସମାଜ ସାଧ୍ୟ  ତୁମେ ମଧ୍ୟ ଶିକ୍ଷା କଲ ଯେ ରାଷ୍ଟ୍ର ଗୋଟିଏ ସଂଘ ହେଲେ ମଧ୍ୟ ଏହା ଅନ୍ୟ ସଂଘଠାରୁ ଭିନ୍ନ ଅଟେ । ଏହାର ଏକୁଟିଆ ସାର୍ବଭୌମତ୍ୱ ଅଛି । ଅନ୍ୟ ସମସ୍ତ ସଂଘ ରାଷ୍ଟ୍ରର ସାର୍ବଭୌମତ୍ୱକୁ ମାନିଥା'ନ୍ତି । ରାଷ୍ଟ୍ର ଓ ସରକାର ଏକ ନୁହେଁ, ଯଦିଓ ସରକାର ରାଷ୍ଟ୍ର ତରଫରୁ ସମସ୍ତ କାର୍ଯ୍ୟ କରିଥାଏ । ସରକାର ରାଷ୍ଟ୍ରର  ଗୋଟିଏ ଅଂଶ ଅଟେ । ରାଷ୍ଟ୍ରର ଗୋଟିଏ ଅଂଗ ହୋଇଥିବାରୁ ଏହା ଆଇନ୍ ତିଆରି କରେ, କାର୍ଯ୍ୟକାରୀ କରେ ଏବଂ ଆଇନ୍‌କୁ ଅମାନ୍ୟ କରୁଥିବା ବ୍ୟକ୍ତିକୁ ଦଣ୍ଡ ଦିଏ । ଜାତି ହେଉଛି ଗୋଟିଏ ସାଂସ୍କୃତିକ ଓ ମନସ୍ତାତ୍ତ୍ୱିକ ଏକତ୍ୱ ଏବଂ ଚିରସ୍ଥାୟୀ ଅଟେ । ରାଷ୍ଟ୍ର ହେଉଛି ଏକ ରାଜନୈତିକ ସଂଗଠନ ।

## ପାଠ୍ୟାନ୍ତ ଅଭ୍ୟାସ

୧। ଶବ୍ଦଗୁଡ଼ିକର ଅର୍ଥ ବର୍ଣ୍ଣନା କର ।

(କ) ଜାତି  (ଖ) ସରକାର (ଗ) ସଂଘ ।

୨। ରାଷ୍ଟ୍ର ଓ ସମାଜ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୩। ରାଷ୍ଟ୍ର ଓ ଅନ୍ୟ ସଂଘ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୪। ରାଷ୍ଟ୍ର ଓ ସରକାର ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୫। ରାଷ୍ଟ୍ର ଓ ଜାତି ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୩ .୧**

୧। ରାଷ୍ଟ୍ର

୨। ପୂର୍ବରୁ

୩। ପ୍ରାକୃତିକ, କୃତ୍ରିମ

୪। ସାଧନ

୫। ସାଧ୍ୟ

୬। ସ୍ୱେଚ୍ଛାକୃତ, ଯାନ୍ତ୍ରିକ





**୩ .୨**

୧। ନିର୍ଦ୍ଦିଷ୍ଟ

୨। ବାଧ୍ୟତାମୂଳକ

୩। ପୂର୍ବରୁ

୪। ସାର୍ବଭୌମତ୍ୱ

**୩.୩**

୧। ବ୍ୟବସ୍ଥାପିକା

୨। କାର୍ଯ୍ୟପାଳିକା

୩। ରାଷ୍ଟ୍ର

୪। ସରକାର

୫। ସରକାର

**୩.୪**

୧। ଜାତି

୨। ଜାତି - ରାଷ୍ଟ୍ର

୩। ଆଇନ୍

୪। ରାଜନୈତିକ

୫। ସମଜାତୀୟ

**ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା**

୧। ବିଭାଗ (କ) ୩.୫ (ଖ) ୩.୪ (ଗ) ୩.୩

୨। ବିଭାଗ ୩.୨

୩। ବିଭାଗ ୩.୩

୪। ବିଭାଗ ୩.୪

୫। ବିଭାଗ ୩.୫